☎- 06645-250458
Email: nacbelpahar@gmail.com

# OFFICE OF THE
# MUNICIPAL COUNCIL
## BELPAHAR.

No.______/dt.______

To

**The Member Secretary,**
**Odisha Biodiversity Board,**
**Regional Plant Resource Centre Campus,**
**Ekamrakanan, Nayapali,**
**Bhubaneswar-15.**

Sub:- **Constitution of Biodiversity Management Committee.**

Ref:- Letter No. **22382** dt.**02.12.2019** of Joint Secretary to Govt. & Additional Mission Director, SBM(Urban), H&UD Deptt. Odisha, Bhubaneswar.

Sir,

In inviting reference to the letter on the subject cited above I am to enclose herewith the list of Biodiversity Management Committee constituted in respect of Belpahar Municipality as desired.

This is for favour of kind information and necessary action.

Yours faithfully,

**Executive Officer,**
**Belpahar Municipality**

Memo No. 3449 /dt. 13.12.19

Copy submitted to the Joint Secretary to Govt. & Additional Mission Director, SBM(Urban), H&UD Deptt. Odisha, Bhubaneswar for favour of kind information and necessary action.

**Executive Officer,**
**Belpahar Municipality**

# ଜୈବବିବିଧତା ପରିଚାଳନା କମିଟି ଗଠନ

ଅଧିବେଶନ ନଂ.୦୧
ବେଲପାହାଡ଼ ପୌର ପରିଷଦ
ସ୍ଥାନ:- **ବେଲପାହାଡ଼**

ତାରିଖ: ୧୩.୧୨.୨୦୧୯
ଜିଲ୍ଲା:- ଝାରସୁଗୁଡ଼ା
ସମୟ. ସକାଳ ୧୧.୦୦ଘ.

ଅଦ୍ୟ ତା.୧୩.୧୨.୨୦୧୯.ରିଖ ସକାଳ.୧୧.୦୦ ସମୟରେ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନିର୍ବାହୀ ଅଧିକାରୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କ ସମ୍ମତିକ୍ରମେ, Biodiversity Act, 2002 ଧାରା ୪୧(୧), Biological Diversity Rules, 2004 ର ଅଧିନିୟମ ୨୨ ଏବଂ ଓଡ଼ିଶା ଜୈବ ବିବିଧତା ନିୟମ, ୨୦୧୨ ର ଅଧିନିୟମ ୨୧ ଅନୁସାରେ ୩/୫ ବର୍ଷ ପାଇଁ ପୌର ପରିଷଦ ସ୍ତରୀୟ ଜୈବବିବିଧତା ପରିଚାଳନା କମିଟି ଗଠନ କରାଗଲା ।

**<u>କମିଟି ସଭ୍ୟଙ୍କର ସବିଶେଷ ବିବରଣୀ</u>**

| କ୍ର. ନଂ. | ନାମ ଏବଂ ଠିକଣା | ବୟସ | ବର୍ଗ(କୃଷି, ଶିକ୍ଷା, ମତ୍ସ୍ୟ, ସମାଜସେବୀ, ବୈଦ୍ୟ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରାହକ) | ପଦବୀ | ଦସ୍ତଖତ |
|---|---|---|---|---|---|
| ୧ | ଶ୍ରୀ ନିରଞ୍ଜନ ବାରିକ | ୭୦ | ବୈଦ୍ୟ | ଅବସର ପ୍ରାପ୍ତ | Niranjan Barik |
| ୨ | ଶ୍ରୀମତୀ ସାବିତ୍ରୀ ମାଝି | ୩୮ | କୃଷି | କୃଷକ | ସାବିତ୍ରୀ ମାଝି |
| ୩ | ଶ୍ରୀମତୀ କୈଲାସିନି ଲୁହାର | ୩୬ | ଲଘୁ ବନଜାତ ଦ୍ରବ୍ୟ ସଂଗ୍ରାହକ | ଗୃହିଣୀ | କୈଲାସିନି ଲୁହାର |
| ୪ | ଶ୍ରୀ ଚରଣ ଦୀପ | ୪୨ | ମତ୍ସ୍ୟ | ପ୍ରତିନିଧି | charan Deep |
| ୫ | ଶ୍ରୀମତୀ ପିଙ୍କି ମୁଣ୍ଡା | ୩୪ | ସମାଜସେବୀ | ଗୃହିଣୀ | Pinki Munda |
| ୬ | ଶ୍ରୀ ଶ୍ରୀକର ଭୋଇ | ୪୬ | ଶିକ୍ଷା | ଶିକ୍ଷାବିତ୍ | Srikar Bhoi |
| ୭ | ଶ୍ରୀ ଲୋକନାଥ ତିୱାରୀ | ୫୬ | ସରକାରୀ କର୍ମଚାରୀ | ନିର୍ବାହୀ ଅଧିକାରୀ | [illegible] |

ଜୈବବିବିଧତା ପରିଚାଳନା କମିଟି ନିମ୍ନଲିଖିତ କାର୍ଯ୍ୟ ତୁଲାଇବେ :

୧. ପୌରପାଳିକା ଇଲାକାରେ ଥିବା ଜୈବିକ ସମ୍ବଳ ସମୂହ ସଂରକ୍ଷିତ କରିବା ଓ ସେ ସବୁର ସ୍ଥାୟିତ୍ୱ ଭିତ୍ତିରେ ଉପଯୋଗ କରିବା ।

୨. ପୌରପାଳିକା ଇଲାକା ମଧ୍ୟରେ ଜୈବିକ ସମ୍ବଳ ସମୂହର ବେଆଇନ ଭାବେ କରାଯାଉଥିବା ଉପଯୋଗକୁ ସମ୍ପୂର୍ଣ୍ଣ ନିଷେଧ କରିବା ।

୩. ଯେତେବେଳେ ଏବଂ ଯେଉଁ ପ୍ରକାର ଭାବରେ ଆବଶ୍ୟକତା ପଡ଼ିବ ଚେନ୍ନାଇରେ ଥିବା ଜାତୀୟ ଜୈବବିବିଧତା କର୍ତ୍ତୃପକ୍ଷ ଓ ଭୁବନେଶ୍ୱରରେ ଥିବା ଜୈବବିବିଧତା ବୋର୍ଡ଼କୁ ବିଭିନ୍ନ ବିଷୟ ଉପରେ ମତାମତ ପ୍ରଦାନ କରିବା ।

୪. ଜୈବବିବିଧତା ଅଧିନିୟମରେ ଦର୍ଶାଯାଇଥିବା ପ୍ରକାରରେ ପୌରପାଳିକା ଇଲାକାରେ ଥିବା ଜୈବିକ ସମ୍ବଳ ସମୂହର ବ୍ୟବସାୟିକ ଭିତ୍ତିରେ ଉପଯୋଗ କଲେ ଟିକସ ଆଦାୟ କରାଯିବ ।

୫. ନିଜ ଅଞ୍ଚଳର ଜୈବିକ ସମ୍ବଳ ଉପଯୋଗ କରୁଥିବା ବୈଦ୍ୟ ଓ କବିରାଜ ମାନଙ୍କର ତଥ୍ୟ ସଂଗ୍ରହ କରାଯାଇ ଲିପିବଦ୍ଧ କରାଯିବ ।

୬. ଜୈବିକ ସମ୍ବଳ ସମୂହରେ ଉପଯୋଗ ପାରମ୍ପରିକ ବ୍ୟବହୃତ ଜ୍ଞାନ କୌଶଳ ଆଦାୟ ହେଉଥିବା ଟିକସ ଜୈବିକ ସମ୍ବଳରୁ ମିଳୁଥିବା ଲାଭ ଏବଂ ସେ ସବୁର ଲାଭାଂଶ ବଣ୍ଟନ ଇତ୍ୟାଦି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଓ ବିବରଣୀ ଖାତାରେ ଲିଖିତ ଆକାରରେ ରହିବ ।

୭. ଜୈବବିବିଧତା ଓ ଆନୁଷଙ୍ଗିକ ପାରମ୍ପରିକ ଜ୍ଞାନକୌଶଳ ... ନଥିଭୁକ୍ତ କରିବା କାମରେ ମଧ୍ୟ ଜୈବବିବିଧତା ପରିଚାଳନା କମିଟି ସମ୍ପୃକ୍ତ ରହିବ ।

୮. ବିଭିନ୍ନ ସମୟରେ ଜାତୀୟ ଜୈବବିବିଧତା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ଜୈବବିବିଧତା ବୋର୍ଡ଼ ବା ପରିଷଦ ଦ୍ୱାରା ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ଜୈବବିବିଧତା ପାଣ୍ଠିର ପରିଚାଳନା ଓ ବ୍ୟବହାର ।

ଏଥି ସହିତ ଜୈବବିବିଧତା ନିୟମାବଳୀ,୨୦୦୪ ଅନୁଯାୟୀ ସରକାରଙ୍କ ବିଭିନ୍ନ ବିଭାଗ ଯଥା- କୃଷି, ଉଦ୍ୟାନ, ମତ୍ସ୍ୟ, ପଶୁ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ରୁ ୬ ଜଣ ନିମନ୍ତ୍ରିତ ବ୍ୟକ୍ତି ମାନଙ୍କୁ ମନୋନୀତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା ।

P. S. [signature] 13/11/17
ଅଧ୍ୟକ୍ଷ(ସାକ୍ଷର)
.............................
(ମୋହର)
Chairperson
Belpahar Municipality

[signature] 13/11/17
(ସାକ୍ଷର)
ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
Belpahar Municipality
.............................
(ମୋହର)